**ପ୍ରେସବିଜ୍ଞପ୍ତି**

**ଭୁବନେଶ୍ୱର**

ତାରିଖ: ୨୩.୦୫.୨୦୨୬

## ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରେ ଅଗ୍ନିକାଣ୍ଡ; କେହି ହତାହତ ହୋଇ ନାହାନ୍ତି

କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଅନକାଡେଲିସ୍ଥିତ ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରେ ଆଜି ଅର୍ଥାତ୍ ୨୩.୦୫.୨୦୨୬ ତାରିଖ ଦିନ ପ୍ରାୟ ୧୨.୦୦ଘଣ୍ଟିକା ସମୟରେ ଏକ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି ।

ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରର ସ୍ଥାପିତ କ୍ଷମତା ୧୨୦ ମେଗାୱାଟ ଓ ଏଥିରେ ୬ଟି ଉତ୍ପାଦନ ୟୁନିଟ ରହିଛି । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ମଧ୍ୟରେ ୧୯୪୫ ମସିହାରେ ସ୍ୱାକ୍ଷରିତ ଚୁକ୍ତି ଏବଂ ପରବର୍ତ୍ତୀ କାଳରେ ୧୯୭୮ ଓ ୨୦୨୦ ମସିହାରେ ହୋଇଥିବା ସଂଶୋଧନ ଅନୁଯାୟୀ, ବିଦ୍ୟୁତ ବଣ୍ଟନ ଓ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟୟ ଉଭୟ ରାଜ୍ୟ ଦ୍ୱାରା ୫୦:୫୦ ଅନୁପାତରେ ବହନ କରାଯାଏ । ବିଦ୍ୟୁତ କେନ୍ଦ୍ରର ପରିଚାଳନା, ଓ ପ୍ରଶାସନିକ ନିୟନ୍ତ୍ରଣ ଆନ୍ଧ୍ରପ୍ରଦେଶ ସରକାର ଏବଂ ଆନ୍ଧ୍ରପ୍ରଦେଶ ପାୱାର ଜେନେରେସନ କର୍ପୋରେସନ (ଏପିଜେନକୋ) ଅଧୀନରେ ରହିଛି।

ପ୍ରାଥମିକ ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ପାଇଁ ବ୍ୟବହୃତ ୨.୫ ଏମଭିଏ, ୧୧/୦.୪ କେଭି ଟ୍ରାନ୍ସଫର୍ମର ସହ ସଂଯୁକ୍ତ CT ଫାଟି ଯିବାରୁ ଅଗ୍ନିକାଣ୍ଡ ଘଟିଥିଲା । ଉକ୍ତ ଟ୍ରାନ୍ସଫର୍ମରଟି ବିଦ୍ୟୁତକେନ୍ଦ୍ର ବାହାରେ ଅବସ୍ଥିତ ଥିଲା । ପରେ ଏଥିରେ ସଂଯୁକ୍ତ କେବୁଲରେ ନିଆଁ ଲାଗିବା ସହ କେବୁଲ ଗ୍ୟାଲେରୀ ମାଧ୍ୟମରେ ଅଗ୍ନିଶିଖା ବିଦ୍ୟୁତକେନ୍ଦ୍ର ଭିତରକୁ ବ୍ୟାପିଥିଲା, ଯାହା ଫଳରେ କେତେକ ବିଦ୍ୟୁତ ଓ ଅନ୍ୟାନ୍ୟ ଯନ୍ତ୍ରପାତି କ୍ଷତିଗ୍ରସ୍ତ ହୋଇଛି ।

ଅଗ୍ନିକାଣ୍ଡ ସମୟରେ ସମସ୍ତ ୬ଟି ୟୁନିଟ କାର୍ଯ୍ୟରତ ଥିଲା । ତେବେ ସମସ୍ତ ୟୁନିଟକୁ ତୁରନ୍ତ ସୁରକ୍ଷିତ ଭାବେ ବନ୍ଦ କରାଯାଇଥିଲା ଏବଂ କେନ୍ଦ୍ର ଭିତରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା । ଏହି ଘଟଣାରେ କେହି ମୃତାହତ ହୋଇ ନାହାନ୍ତି ।

ବିଦ୍ୟୁତକେନ୍ଦ୍ରର କର୍ମଚାରୀ ଏବଂ ଲମତାପୁଟ ଅଗ୍ନିଶମ ବାହିନୀର ତତ୍ପରତା ଫଳରେ ନିଆଁକୁ ନିୟନ୍ତ୍ରଣକୁ ଆଣା ଯାଇଥିଲା । ଅପରାହ୍ନ ପ୍ରାୟ ୪.୦୦ଘଣ୍ଟିକା ସମୟରେ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଯାଇଥିଲା ।

କ୍ଷତିଗ୍ରସ୍ତ ଯନ୍ତ୍ରପାତି ଓ କ୍ଷୟକ୍ଷତିର ସବିଶେଷ ଆକଳନ ଆନ୍ଧ୍ରପ୍ରଦେଶ ପାୱାର ଜେନେରେସନ କର୍ପୋରେସନ (ଏପିଜେନକୋ ) ଦ୍ୱାରା କରାଯିବ। ପରବର୍ତ୍ତୀ କାଳରେ ଆବଶ୍ୟକ ମରାମତି କାର୍ଯ୍ୟ କରାଯିବ। ପ୍ରାଥମିକ ଆକଳନ ଅନୁଯାୟୀ, ବିଦ୍ୟୁତ ଉତ୍ପାଦନ ପୁନଃଆରମ୍ଭ ହେବାକୁ ୬ ମାସରୁ ଅଧିକ ସମୟ ଲାଗିପାରେ।

ବିସ୍ତୃତ ବୈଷୟିକ ଆକଳନ ପରେ ପରବର୍ତ୍ତୀ ସୂଚନା ଜାରି କରାଯିବ।

ସୁଶ୍ରୀ ସଙ୍ଗୀତ ମହାରଣା

ଲୋକସମ୍ପର୍କ ଅଧିକାରୀ